As an individual, it's much easier to share material things rather than the intangible things like the values we hold close to ourselves. This is why sharing should always be equated with caring. It is not a passive activity. It takes strength for most of us to share things that are dear to us. Through this we also learn how to be more efficient members of a community. Sharing is not simply giving away the things that we don't need, rather it's a way of sharing things with people who are in need of them because we understand them.

Sadly, we have lost the art of sharing and caring in this competitive world. It's time that we revive it. Sharing doesn't have to be a grand gesture to be appreciated. It can be as simple as sharing something you feel with someone, like a compliment, "You look so pretty today". Those simple words can often make someone feel special and cared for, and in return, make the one who said them happy. One of the best things you can share with others is your own happiness. Tell them what made you happy and why, your story just might inspire a change in them. Sharing is truly a win-win!

**Lina Mohapatra,** Bhubaneswar

# ऐ वृक्ष कहो तुम मौन हो क्यों ??

ये धूप तपा कर जाती है
और लू के थपेड़े खाते हो,
वो ठंडी-ठंडी तेज हवा
जो बर्फीली है सूखी,
वो तूफानों की संगिनी,
जब चमके बिजली रात ढले,
जब जगमग हो उठे आकाश,
भयभीत नहीं तुम होते हो,

जब मेघ गरज कर बरस पड़े,
जब नदी-नाले बह निकले,
और मिट्टी कट कर धँस जाए,
तुम दृढ़ चित्त तुम वीर-सृजन
तुम अड़े खड़े ही रहते हो,
ऐ वृक्ष कहो क्यों मौन हो तुम ??
न तो अभियोग किया तुमने,
न कोई साया ढूँढा है,

बस धीरज धर कठिनाई में
बस मन को साधे रखा है।
हे वृक्ष सुनो तुम जीवित हो
तो जीवित है ये गाँव नगर,
तुम नहीं रहे तो बन जायेगा
ये जन-जीवन एक नरक !!

**साइम् हबीब**
दामनजोड़ी

# ଏଇତ ସଂସାର.... ତେଲ ଆଉ ଲୁଣର

ସ୍ନେହ, ପ୍ରେମ, ଶ୍ରଦ୍ଧାରେ ଗଢ଼ା...
'ମାନବିକତା'... ମାନବର...
ନିଃସ୍ୱାର୍ଥ ସେବାରେ ତା'ର...
କରିଦିଏ ସମୃଦ୍ଧ ତଥା ସୁଦୃଢ଼
ସମ୍ପର୍କର ବାତାବରଣ
ସେ ଘରର ଚାରିକାନ୍ଥ ଭିତରେ ହେଉ...
ଅବା ଗାଁ-ଗଣ୍ଡା ସହରର... ।

ଅଙ୍ଗେ ନିଭାଇଥିଲି ସେଦିନ
ବିତାଇ କିଛି ମୁହୂର୍ତ୍ତ
ସେଇ ସ୍ନେହ ରଙ୍କୁଣା ଶିଶୁଙ୍କ ମେଳରେ
ବାଣ୍ଟିବାକୁ ଯାଇଥିଲି... କାଣିଚାଏ,
ସ୍ନେହରୁ ଟୋପେ...
ମା ଶବ୍ଦ ଜାଣିବା ପୂର୍ବରୁ... ଛେଉଣ୍ଡ ଯେ ସେମାନେ...
ମୁହୂର୍ତ୍ତକର ମାତୃତ୍ୱ-ସମ ଶରଣରେ ମୋର...
କରିନେଲେ ମୋତେ ତାଙ୍କ ନିଜର....
ଢାଳିଦେଲେ... ମୋ ଝୋଲିରେ...
ଅମାପ... ସେଇ ନିଷ୍ପାପ ଦରଦୀ ହସର ସ୍ରୋତ...
କୁସୁମିତ ହୋଇଗଲା... ଅନ୍ତର ମୋର...
ଅବ୍ୟକ୍ତ ସେ... ଅନୁଭୂତି...
ଦ୍ରବୀଭୂତ କରିଦେଲା... ସମଗ୍ର ସତ୍ତାକୁ ମୋର...

ଜାଣେ ନାହିଁ ଖୁସିର ଫୁଆରା...
ହସର ଲହରୀରେ...
ଶୋଇଥିଲା... କେତେ ଯେ ସମୟ...
ଦିବ୍ୟାଙ୍ଗ ବାଳକ ବାଳିକାଙ୍କ
କଳା ଓ କଳାକାରୀରେ...
ବ୍ୟକ୍ତ କରୁଥିଲେ ସେମାନଙ୍କର
ଅନ୍ତରର କଥା... ସ୍ୱତନ୍ତ୍ର ଭାଷାରେ...
ମୁଁ କିନ୍ତୁ ପାଉ ନ ଥିଲି ଭାଷା...
କରିବାକୁ ବ୍ୟକ୍ତ ମୋ ଅନୁଭୂତି...
ସେଇ ଅନ୍ତରଙ୍ଗ ମୁହୂର୍ତ୍ତମାନଙ୍କର...

ପୁଣି ଧାରେ ହସ.. ଦି'ଧାର ଖୁସୀର ଲୁହ...
ଯେବେ ବୋହି ଆସେ...
ଅଲୋଡ଼ା ପ୍ରାୟ ହୋଇଯାଇଥିବା...
ଅସଂଖ୍ୟ ପ୍ରୌଢ଼ଙ୍କ ଆଖିର...
କେବଳ ସକ୍ଷମଙ୍କ କିଛି ସମୟ ଆଉ...
ବଳକା ପୁଞ୍ଜିର ଖର୍ଚ୍ଚରୁ.... ।
ସେ ସବୁର ମୁଁ ପ୍ରତ୍ୟକ୍ଷଦର୍ଶୀ...
ଜାଣେ ନାହିଁ ସେଇ ସୁଖ କେତେ ସମୟର
ସେଇ ଅସ୍ତିତ୍ୱ ହଜାଇ ଥିବା ପ୍ରୌଢ଼ ପ୍ରୌଢ଼ାଙ୍କର...
ତେବେ ସଞ୍ଚରି ଯାଇଥିଲା ମୋ ଭିତରକୁ...
ତା'ଙ୍କ ନିରୁତା ସ୍ନେହର ବାର୍ତ୍ତା...
ସେଇ କାହାକୁ ଖୋଜୁଥିବା ଲୁହରେ...
ଏବଂ ଶୁଷ୍କ ଓଠରେ ଲାଗି ରହିଥିବା...
ଧାରେ... ହସରେ... ।
ସେହି କମ୍ବଳ ଢଙ୍କାରେ ଜଦି
କେଇଜଣ ପାଇଯାଆନ୍ତେ ଉଷ୍ମତା...
ଥର ଥର ହାଡ଼ଭଙ୍ଗା ଶୀତର ଲହରୀରେ...
ବିତଉଥିବା ରାତି... ସଡ଼କ କଡ଼ରେ...
ଲୋଡ଼ା ପ୍ରାୟ ହେଉ ନ ଥିବା ବସ୍ତ୍ର ଯଦି...
କରିଦିଏ ନିବାରଣ କାହାରି ଲଜ୍ଜାକୁ....
ଅଧିକା ହେଇଯାଉଥିବା ଖାଦ୍ୟ ମେଣ୍ଟାଇ ଦିଏ...
କାହାରି ଭୋକକୁ... ।
ପାରିଲେ ଯଦି ସମୟ ଦେଇ..
କାହା ସୁଖ ଅବା ଦୁଃଖରେ ହେବା ପାଇଁ ଭାଗୀ...
ବଦଳେ ତା' ପାଇଥିବା ଅନାୟାସେ ଖୁସି...
ଏଇତ ଜୀବନ... ସୁଖ ଆଉ ଦୁଃଖର...
ଏଇତ ସଂସାର ତେଲ ଆଉ ଲୁଣର... ।
ଅତିକ୍ରମ କରିଯିବା ଜୀବନର ମାଇଲ ଖୁଣ୍ଟ...
ପାଥେୟ କରି... ସେଇ
'ଭାବ' ଦିଆନିଆ ରୀତିକୁ....
ଅଜାଣତେ ପାଇଥିବା ସୁଖ...
କରିଦେଇ ଯତ୍ନ ସେଇ ମାନବର ସେଇ ସମାଜର...
ଦେଇଯିବା ପରିଚୟ...
"ଶ୍ରେଷ୍ଠ ମାନବିକତା"ର ॥

**ଗାୟତ୍ରୀ ପାଣିଗ୍ରାହୀ**
ଦାମନଯୋଡ଼ି

# ମହକିତ ମୁହୂର୍ତ୍ତ

ଘରର ଅନ୍ୟ ସଦସ୍ୟମାନଙ୍କଠାରୁ ଲୋରା ଥିଲା ଟିକେ ଭିନ୍ନ। ବେଶୀ ସାଙ୍ଗ-ସାଥୀ, ଥଟାତାମସା, କୋଳାହଳ କି ଗପସପ ତାକୁ ଆଦୌ ଭଲ ଲାଗେନା। ତା'ମାନେ ନୁହେଁ ଯେ ତାକୁ ଅନ୍‌ସୋସିଆଲ କୁହାଯିବ। ଯେତିକି ଦରକାର ସେତିକି, ବେଶୀ ନୁହେଁ କି କମ୍ ନୁହେଁ। ଖୁବ୍ ମପାଚୁପା ତା ଚରିତ୍ର। କିନ୍ତୁ ସାନଭଉଣୀ ଲୋଲି ଠିକ୍ ତା'ର ବିପରୀତ। ସବୁବେଳେ ବଜର ବଜର ହେଉଥିବ। କ୍ଷଣିକରେ ପିଲାଠାରୁ ବୁଢ଼ାଯାଏଁ ସମସ୍ତଙ୍କ ସାଙ୍ଗରେ ଦୋସ୍ତି ବନେଇଦେବ ଅନାୟାସରେ। ତା' ସାଙ୍ଗରେ ତୁଳନା କରି ସମସ୍ତେ କୁହନ୍ତି ଲୋରା ଟିକେ ରିଜର୍ଭ।

ଭାଗ୍ୟକୁ ବି ଦେଖ। ଦୁଇ ଭଉଣୀଙ୍କର ବିବାହ ହେଲା ନିଜ ନିଜ ସ୍ୱଭାବର ପ୍ରତିକୂଳ ପରିବାରରେ। ଲୋଲିର ସ୍ୱାମୀ ଆମେରିକାରେ ଚାଟାର୍ଡ଼ ଏକାଉଣ୍ଟାଣ୍ଟ ଥିଲାବେଳେ ଲୋରାର ଶାଶୁଘର ସହରତଳି ଅଞ୍ଚଳରେ। ସ୍ୱାମୀ ଓଡ଼ିଶା ସରକାରଙ୍କ ପଦସ୍ଥ କର୍ମଚାରୀ। ଅବଶ୍ୟ ଶାଶୁଘର ବେଶ୍ ସମ୍ଭ୍ରାନ୍ତ। ସ୍ୱାମୀ ଲଲନ୍ ହେରିକା ହେଉଛନ୍ତି ପାଞ୍ଚ ଭାଇ ଭଉଣୀ। ଲଲନ୍ ତୃତୀୟ। ତଳଭାଇ ବମ୍ବେରେ ମେଡିକାଲ ପଢୁଛନ୍ତି। ଏକମାତ୍ର ନଣନ୍ଦ ବାହା ହୋଇ କଲିକତାରେ। ସବା ବଡ଼ଭାଇ ପାଖ କଲେଜରେ ଇକୋନୋମିକ୍ସ୍ ପ୍ରଫେସର ଥିଲାବେଳେ ଦ୍ୱିତୀୟ ଭାଇ ରୁରାଲ୍ ବ୍ୟାଙ୍କ ମ୍ୟାନେଜର। ଅତଏବ ଦୁଇଯାଆ ଦୁଇ ଭଉଣୀ ପରି ଗାଁରେ ରୁହନ୍ତି ଶାଶୁଘରେ। ଲଲ୍‌ନଙ୍କ ଚାକିରୀ ଟିକେ ଦୂରରେ ଥିବାରୁ ତାକୁ ଅବଶ୍ୟ ଗାଁରେ କେବେ ବେଶୀଦିନ ରହିବାକୁ ପଡ଼ିନି। ମାତ୍ର ଲଲନ୍‌ଙ୍କର ଅତ୍ୟଧିକ ଘରପ୍ରୀତି ଯୋଗୁଁ ତାକୁ ବର୍ଷକୁ ପ୍ରାୟ ତିନି ଚାରି ଥର ଶାଶୁଘର ଆସିବାକୁ ପଡ଼ିଥାଏ। ପ୍ରତି ପୂଜାପାର୍ବଣ କିମ୍ବା ଭଲମନ୍ଦ ଦିନରେ ଲଲନ୍‌ଙ୍କର ସେଇ ଗୋଟିଏ ପ୍ଲାନ୍-ଚାଲ ଗାଁକୁ ଯିବା। ସମସ୍ତଙ୍କ ସାଙ୍ଗରେ ଛୁଟି କଟେଇବା। ଲୋରାକୁ ଏସବୁ ଭଲଲାଗେନି। ସବୁ ବେଳେ ଲଗେଜ୍ ପ୍ୟାକିଂ କର ଆଉ ଶାଶୁ ଘରକୁ ଚାଲ। ଦୁନିଆରେ କ'ଣ ଆଉ ଜାଗା ନାହିଁ ବୁଲିଯିବାକୁ। ଲିଜୁ ଜନ୍ମ ହେଲାପରେ, ତାକୁ ନେଇ ଗାଁକୁ ଯିବା ଲୋରାକୁ ଖୁବ୍ କଷ୍ଟଲାଗେ। ତଥାପି ଲଲନ୍‌ଙ୍କ ଇଚ୍ଛାକୁ ଭାଙ୍ଗିପାରେନି ସେ। ଭିତରେ କାନ୍ଦୁଣୁ ମାନ୍ଦୁଣୁ ହୁଏ ସିନା ଉପରକୁ କିଛି ପ୍ରକାଶ ନ କରି ସୁନା ବୋହୂପରି ଶାଶୁ ଘରକୁ ଯାଏ।

ହେଲେ ଏ ବର୍ଷ ଟିକେ ଆଗୁଆ, ସେ ଅଲଗା ପ୍ଲାନ୍‌ଟିଏ କରିଛି। ଖୁବ୍ ପଟେଇ ପାଟେଇ ଲଲନ୍‌ଙ୍କୁ ତାଙ୍କ ପଞ୍ଚମ ବିବାହ ବାର୍ଷିକୀ ପାଇଁ କେରଳ ଯିବାକୁ ରାଜି କରାଇଛି। ନେଟ୍‌ରୁ କାଢ଼ି କେତେଗୁଡ଼ିଏ ଭଲ ରିସୋର୍ଟର ନାଁ ଲିଷ୍ଟ କରିଛି। ପିଓର୍ ଭେଜ୍ ରେଷ୍ଟୁରାଣ୍ଟ। ନ ହେଲେ କେରଳରେ ପ୍ରାୟ ସବୁ ହୋଟେଲ୍‌ରେ ବିଫ୍, କେବେ ବାହାରିବେ, କେଉଁଦିନ କ'ଣ ଦେଖିବେ ପୁଣି କେବେ ରିଟର୍ଣ୍ଣ କରିବେ ତା'ର ମଧ୍ୟ ଏକ ସୁବିସ୍ତୃତ ନୋଟ୍ ପ୍ରସ୍ତୁତ କରିଛି। ସବୁ ପ୍ଲାନ୍ କରିସାରି ଟିକେଟ୍ ବୁକ୍ କରିବାକୁ ଯିବା ପୂର୍ବରୁ ଶାଶୁଙ୍କର ଫୋନ୍ ଆସିଲା- "ଲଲନ୍ ତୁ ଘରକୁ ଆସିବୁ। ତୋ ବିବାହ ବାର୍ଷିକୀ ଦିନ ସତ୍ୟନାରାୟଣ ପୂଜା କରିବି। ତତେ ଟାଏଫଡ୍ ହେଲାବେଳେ ମାନସିକ କରିଥିଲି।" ଯାଃ! ସବୁ ଭଣ୍ଡୁର ହୋଇଗଲା। କେରଳ ଯିବା ପୋଷ୍ଟପୋନ୍‌ଡ୍। ବିଚରା ଲୋରାକୁ ପୁଣି ଶାଶୁ ଘରକୁ ଯିବାପାଇଁ ପ୍ୟାକିଂ କରିବାକୁ ପଡ଼ିଲା।

ଏମିତିରେ ସେ ଟିକେ ଗାଁ ଚଳଣିକୁ ଆପଣେଇ ନେଇ ପାରେନି। ଏତେ ଲୋକଙ୍କ ଭିତରେ ଆଦୌ କମ୍‌ଫର୍ଟ ହୋଇପାରେନି ସେ ଶାଶୁଘରେ। ଛୋଟ ପରିବାରରେ ବଢ଼ିଛି। ଠିକ୍ ବିଜ୍ଞାପନ ପରି ଆମେ ଦୁଇ ଓ ଆମର ଦୁଇ। ତା ସ୍ୱଭାବ ଜାଣି ଘରେ ମଧ୍ୟ ତାକୁ କେହି ଡିଷ୍ଟର୍ବ କରନ୍ତି ନାହିଁ। ତା ରୁମ୍ ଭଲ ତ ସେ ଭଲ। ଏଣୁ ଶାଶୁଘରେ ଲୋରାକୁ ଅଣନିଶ୍ୱାସୀ ଲାଗେ। ସକାଳ ସାଢ଼େ ପାଞ୍ଚରୁ ରାତି ସାଢ଼େ ଦଶ ଯାଏଁ ତାକୁ କେତେବେଳେ ବି ଟିକେ ନିରୋଳା ସମୟ ମିଳେନା। ଏମିତି ନୁହେଁ ଯେ ସେ ସବୁବେଳେ କାମ କରୁଥାଏ। ମାତ୍ର ସବୁବେଳେ କେହି ନା କେହି ତା ପାଖରେ ଲାଖିକରି ଥିବେ। ଦ୍ୱିପ୍ରହରେ ଖାଇ ଟିକେ ଗଡ଼ିପଡ଼ିଥିବ କି ନାହିଁ ଯା ଆସି ଡାକିବେ – ଆ ଶାଶୁଙ୍କ ସାଙ୍ଗରେ ମିଶି ତାସ୍ ଖେଳିବା। କେବେ କେବେ ଲିପୁ ଓ ସୋନି (ପୁତୁରା, ଝିଆରୀ) ସେମାନଙ୍କ ବରାଦ୍ ନେଇ ଆସି ତା ପାଖରେ ହାଜର ହୋଇଯାଆନ୍ତି। ସୋନି କୁହନ୍ତି- 'ପ୍ଲିଜ୍ ମୋ ଚୁଟିରେ ଟିକେ ଫିସ୍‌ଟେଲ୍ କରିଦିଅ ନା ଖୁଡ଼ୀ।' ଲିପୁ କହିବେ ଖୁଡ଼ୀ ମୋ ପ୍ରୋଜେକ୍ଟ ପାଇଁ ଟିକେ ହେଲ୍‌ପ୍ କର। ସେ ପିଲାମାନଙ୍କୁ ଭଲପାଏ। ମନା କରିପାରେନି। କାହା କଥା ଟାଳି ପାରେନି, ଏଣୁ ଖରାବେଳେ ବସି ତାସ୍‌ଖେଳେ। ନିଜକୁ ଇଞ୍ଚ ଇଞ୍ଚ କରି ବାଣ୍ଟୁଥାଏ ସେ ଶାଶୁଘରେ। ମା'ର ଶିକ୍ଷା ଶାଶୁ ଘରେ ମିଳିମିଶି ଚଳିବୁ। ଏକ ଶିଙ୍ଘିଆ ହେବୁନି। ଅନ୍ୟପାଇଁ କିଛି କରିବାରେ ଯେଉଁ ନୈସର୍ଗିକ ଆନନ୍ଦ ମିଳେ, ତାହା କୋଟି ଐଶ୍ୱର୍ଯ୍ୟଠାରୁ ଆହୁରି ଅଧିକ। ଏଣୁ ସେ ଭଲ ବୋହୂ ହେବାକୁ ଚେଷ୍ଟାକରେ।

ଶାଶୁଘରେ ସବୁବେଳେ ସେଇ ଗୋଟିଏ ପ୍ରକାର ରୁଟିନ୍। ଜଳଖିଆ ଖାଇଦେଇ ଦୁଇ ଦେଢ଼ଶୁର ନିଜ ନିଜର କର୍ମକ୍ଷେତ୍ରକୁ ପଳାନ୍ତି। ଶ୍ୱଶୁରଙ୍କର ନିତିଦିନର ଜଳଖିଆ ହେଉଛି ଚୁଡ଼ା କଦଳୀ। ନ ହେଲେ ଚୁଡ଼ା ଦହି। ସେମାନେ ଚାଲିଗଲାପରେ ଦିନ ଦଶଟା ବେଳକୁ ପଖାଳ ଧରି ବସିପଡ଼ନ୍ତି ଦୁଇ ଯାଆ। କେବେ ଟିକେ ଭଜା ହେଲେ ତ ଭଲ, ନ ହେଲେ ଆଳୁ ସିଝାଟିଏ, ପୋଟଳ, ଜହ୍ନି, ଭେଣ୍ଡି କି ଟମାଟୋ ପୋଡ଼ି ସେଥିରେ ସୋରିଷ ତେଲ, ଲଙ୍କା, ରସୁଣ ଦଳି ଖାଇବାକୁ ବସିପଡ଼ନ୍ତି ଏକାଠି। ସେ ଜଳଖିଆ ଖାଇ ଥିଲେ ବି ତାକୁ ଆଦରରେ ଡାକନ୍ତି ଆ ଖାଇବୁ। ଚକଟା ବାସ୍ନାରେ ଘର ମହକିଯାଏ, ପାଟି ଲାଳେଇଯାଏ, ମାତ୍ର ଦିନ ଦଶଟାରେ ଏତେ ହେଭି ଖାଦ୍ୟ ଖାଇବାଟା, ଲୋରାକୁ ଗୋଟେ

କେମିତି କେମିତି ଲାଗେ। ଗୋଟିଏ ଗିନାରୁ ସେଆର କରି ଖାଇବା ତା ଜାତକରେ ନାହିଁ। ତଥାପି ଯା'ମାନଙ୍କର ମନ ରକ୍ଷାକରି ଟିକେ ଚାଖିଦେଇ ଟାକରା ଫୁଟାଏ। ଅବଶ୍ୟ ସେହି ମିଶାମିଶି ଚକଟାର ସ୍ୱାଦ ଥାଏ ଅପୂର୍ବ। ଏଇମିତି ଅନେକ କଥା ସେ କରେ, ନିଜ ରୁଚି ବିରୁଦ୍ଧରେ, ନିଜ ଇଚ୍ଛା ବିରୁଦ୍ଧରେ। ଆସିବା ଦିନଠୁ, ଦିନ ଗଣୁଥାଏ ଫେରିଯିବାକୁ।

ଏଥରକ ତ ଶାଶୁ କହିଛନ୍ତି ମିନିମମ୍ ଗୋଟିଏ ସପ୍ତାହ ତାକୁ ଗାଁରେ ରହିବାକୁ ହେବ। ବିବାହ ବାର୍ଷିକୀ ପାଇଁ କୁଣିଆ ମଇତ୍ର ଆସିବେ। କାମ ଟିକେ ଅଧିକ। ଏଣୁ ଶାଶୁଙ୍କର କଥାମାନି ଲଲନ୍ ତାକୁ ସାତ ଦିନ ଆଗରୁ ଗାଡ଼ିକରି ପଠାଇ ଦେଲେ। ଅଫିସ୍‌ରେ ବହୁତ କାମ। ମନ୍ତ୍ରୀଙ୍କର ଭିଜିଟ୍ ଅଛି। ଏଣୁ ସେ ଗୋଟିଏ ଦିନ ଆଗରୁ ଆସି ପହଞ୍ଚିବେ। ଲୋରା ଶାଶୁଘରେ ପହଞ୍ଚୁ ପହଞ୍ଚୁ ପ୍ରାୟ ଦିନ ଗୋଟେ। ସମସ୍ତେ ଯେମିତି ତାକୁ ଚାତକପରି ଚାହିଁ ବସିଥିଲେ। ଗାଡ଼ି ଅଟକୁ ଅଟକୁ ସମସ୍ତେ ବେଢ଼ିଗଲେ ତାକୁ। ଏଥରକର ମୁଖ୍ୟ ଆକର୍ଷଣ ହେଉଛି ତା ପୁଅ ଲିଜୁ। ଦୁଇ ଦେଢ଼ଶୁର ଲିଜୁକୁ ନେବାପାଇଁ ହାତ ବଢ଼େଇଲା ବେଳକୁ ଶ୍ୱଶୁର ଶୂନ୍ୟେ ଶୂନ୍ୟେ ତାକୁ ଟେକିନେଲେ ନିଜ କୋଳକୁ। ହସର ଲହରୀଟିଏ ଖେଳିଗଲା ସମସ୍ତଙ୍କ ଭିତରେ। ଘରେ ପଶିଲେ ସମସ୍ତେ। ମକରା ଲଗେଜ୍ ସବୁ ଘରକୁ ବୋହି ଆଣିଲା। ଯାଆ ଖଣ୍ଡେ ଶାଢ଼ି ବଢ଼େଇ ଦେଇ ଯା ତୁ ଫ୍ରେଶ୍ ହେଇ ଆସିବୁ କହିଲା ବେଳକୁ ଶାଶୁ ଖଣ୍ଡେ ନୂଆ ନାଲି ଶାଢ଼ି ତା ହାତରେ ଗେଞ୍ଜି ଦେଇ କହିଲେ- "ମା, ତୁ ତ ଜାଣୁ, ମୁଁ ଜମା ନୂଆଶାଢ଼ି ପିନ୍ଧିପାରେନି। ଖଡ଼ଖଡ଼ ହୁଏ। ତୁ ଟିକେ ପିନ୍ଧି ସଡ଼ କରିଦେଲାପରେ ମୁଁ ପିନ୍ଧିବି।" ଲୋରା ଜାଣେ ଶାଶୁଙ୍କର ଏଇଟା ଗୋଟେ ବାହାନା। ପ୍ରତିଥର ଏମିତି କହିକି ତାକୁ ଖଣ୍ଡିଏ ନୂଆ ଶାଢ଼ି ଦିଅନ୍ତି। ଆଉ ଶେଷରେ କହିବେ ତତେ ଏ ଶାଢ଼ିଟି ଖୁବ୍ ମାନୁଛି, ରଖିଥା ପିନ୍ଧିବୁ। ଦୁଇ ଯାଆ ମିଛି ମିଛିକା ଅଭିମାନରେ ଶାଶୁଙ୍କୁ ଚାହିଁ କୁହନ୍ତି- "ବାଃ ବୋଉ ! ଆମେ କ'ଣ ନ ଥିଲୁ କି ତୁମ ଶାଢ଼ି ସଡ଼ କରିବାକୁ।" ଶାଶୁ ନିରୁତା ହସଧାରେ ମୁହଁରେ ଖେଳାଇ ସେ ସ୍ଥାନ ଛାଡ଼ି ଚାଲିଯାଆନ୍ତି।

ଲୋରା ଫ୍ରେଶ୍ ହୋଇ ଆସିଲା। ଯାଆମାନେ ଏହା ଭିତରେ ଲିଜୁର ସିଝା ତରକାରୀ ଓ ଖେଚେଡ଼ି ବନେଇ ସାରିଥିଲେ। ତାକୁ ଖୁଆଇ ସାରିଲା ପରେ ସମସ୍ତେ ଏକାଠି ଖାଇଲେ। ଗପ ଯେମିତି ସରୁ ନ ଥିଲା। ସବୁଦିନେ ଫୋନ୍‌ରେ ଗପୁଥିଲେ ମଧ୍ୟ ଏତେ କଥା କେଉଁଠୁ ଆସୁଥିଲା କେଜାଣି ? ମଝିରେ ମଝିରେ ଆସି ଶାଶୁ କ'ଣ ଟିକେ ଟିକେ କହି ଦେଇ ଚାଲି ଯାଉଥିଲେ। ଏଇ ଯେମିତି, ଏଥରକ ପୂଜା କୁଳପୁରୋହିତ କରିବେ। ପୁଣି ଘେରେ ବୁଲି ଆସି କହୁଥିଲେ ନୂଆ ମାଟି ହାଣ୍ଡି ଆଣି ସିନ୍ଦୂର ଦେଇ ରଖିବ। ସେଇଥିରେ ଶିରିଣି ଚକଟା ହେବ।

ଏହିପରି ହର୍ଷୋଲ୍ଲାସ ମଧ୍ୟରେ ତିନୋଟି ଦିନ କଟିଗଲାଣି। ସେଦିନ ଲୋରା ଗାଧୋଇ ସାରି ଲୁଗା ଶୁଖାଉଥିଲା ତାରରେ। ହଠାତ୍ ଶ୍ୱଶୁର ଅସ୍ତବ୍ୟସ୍ତ ହୋଇ ପଶିଆସି ଲୋରାକୁ ଚାହିଁ କହିଲେ- ବୋହୂ ମା ! ମୋ ସାଥୀରେ ସଙ୍ଗେ ସଙ୍ଗେ ଚାଲ। ସମୁଦିଙ୍କ ଆକ୍ସିଡେଣ୍ଟ ହୋଇଛି। ଲୋକମାନେ ନେଇ ସେମାନଙ୍କୁ ହସ୍‌ପିଟାଲରେ ଆଡ଼ମିଟ୍ କରେଇଛନ୍ତି। ମଥା ଉପରେ ଆକାଶ ଛିଡ଼ିପଡ଼ିଲା କି ଆଉ ! ଲୋରା ସେଇଠି ବସିପଡ଼ିଲା ଲଥ୍‌କରି। ଚାରିଆଡୁ ସମସ୍ତେ ଧାଇଁ ଆସିଲେ ତା ପାଖକୁ। ତା କାନ୍ଦ ଦେଖି ଶ୍ୱଶୁର ତାକୁ ଆଶ୍ୱାସନା ଦେଇ କହୁଥିଲେ- "ବ୍ୟସ୍ତ ହୁଅନି ମା, ଇନ୍‌ଜୁରୀ ବେଶୀ ସିରିଅସ୍ ନୁହେଁ। ଟ୍ରିଟ୍‌ମେଣ୍ଟ ଚାଲିଛି।"

ସେ ସେହି ପିନ୍ଧା ଶାଢ଼ିରେ ବାହାରି ପଡ଼ିଲା ଯିବାକୁ। ଆରେ ଲିଜୁ... ଲିଜୁକୁ କିଏ ରଖିବ ! ଏତେ ଛୋଟ ପିଲାକୁ ସେଠିକି ନେବା ବି ଠିକ୍ ହେବନି। କିଏ ଜାଣେ ସେଠାକାର ଅବସ୍ଥା କ'ଣ ? କେତେ ସମୟ କି କେତେ ଦିନ ସେଠି ରହିବାକୁ ପଡ଼ିବ। ବଡ଼ ଯାଆ, ତା ମନକଥା ବୁଝିପାରିଲେ କି କ'ଣ କହିଲେ- "ତୁ ନିଶ୍ଚିନ୍ତରେ ହସ୍‌ପିଟାଲକୁ ଯା। ମୁଁ ତାକୁ ସମ୍ଭାଳି ନେବି। ତା' ପାଇଁ ଜମା ବ୍ୟସ୍ତ ହେବୁନି।" ଯା ଭିତରେ ଦେଢ଼ଶୁର ଗ୍ୟାରେଜ୍‌ରୁ ଗାଡ଼ି କାଢ଼ି ସାରିଲେଣି। ସାନ ନାନୀ (ଦ୍ୱିତୀୟ ଯାଆ) ମଧ୍ୟ ବ୍ୟାଗ୍ ଖଣ୍ଡିରେ ଆବଶ୍ୟକ ଜିନିଷ ଧରି ଯିବାପାଇଁ ପ୍ରସ୍ତୁତ। ଗାଡ଼ି ଚାଲିଲା ହସ୍‌ପିଟାଲ ଅଭିମୁଖେ। ରାସ୍ତାସାରା ଲୋରା ଗାୟତ୍ରୀ ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରୁଥାଏ। ନାନୀ ତାକୁ ସାହସ ଦେଉଥାନ୍ତି- 'ବ୍ୟସ୍ତ ହନା, ସବୁ ଠିକ୍ ହୋଇଯିବ।'

ଗାଡ଼ି ରହିଲା ହସ୍‌ପିଟାଲ ଆଗରେ। ଟ୍ରମା କେୟାର ସେଣ୍ଟର ଠାବ କରି ଦେଢ଼ଶୁର ସମସ୍ତଙ୍କୁ ନେଇଗଲେ ସେଇଠିକି। ବୁଝାବୁଝି କରି ସମସ୍ତେ ପହଞ୍ଚିଲେ ଲୋରାର ବାପା, ମାଙ୍କ ପାଖରେ। ଧାଇଁ ଯାଇ ଶ୍ୱଶୁର ବାପାଙ୍କୁ କୁଣ୍ଢେଇ ପକେଇଲେ। ସେ ମଧ୍ୟ ମା'ର ହାତଧରି ସୁଁ ସୁଁ ହେଲା। ବାପାଙ୍କ ବାମ ହାତରେ ମଲ୍ଟିପୁଲ ଫ୍ରାକ୍‌ଚର ହୋଇଛି। ଆଣ୍ଠୁରେ ଭୀଷଣ ମାଡ଼। ମା'ର ମୁଣ୍ଡ ଫାଟି ଚାରିଟା ଷ୍ଟିଚ୍ ପଡ଼ିଛି। ପାଦ ମକଚି ହୋଇ ବେଙ୍ଗ ପରି ଫୁଲିଛି। ତଥାପି ଭଗବାନଙ୍କୁ ସମସ୍ତେ ଧନ୍ୟବାଦ ଦେଉଥିଲେ, ବିପଦ ଅଳ୍ପକେ ଟଳିଛି। ସେମାନଙ୍କୁ ଦେଖି ବାପା ମା'ଙ୍କର ମନରେ ବୋଧେ ଟିକେ ସାହାସ ଆସିଲା। ଦେଢ଼ଶୁର ପ୍ରେସ୍‌କ୍ରିପ୍‌ସନ୍ ନେଇ ମେଡ଼ିସିନ୍ କିଣିବାକୁ ଚାଲିଗଲେ। ଶ୍ୱଶୁର ଡକ୍ଟରମାନଙ୍କ ସାଙ୍ଗରେ କଥାବାର୍ତ୍ତା କଲେ। କୌଣସି ଅସୁବିଧା ନ ଥିବାରୁ ସେମାନେ ବାପା, ମା'ଙ୍କୁ କାଲି ସନ୍ଧ୍ୟାରେ ଡିସ୍‌ଚାର୍ଜ କରିଦେବେ ବୋଲି କହିଲେ।

ଏବେ ଫେରିବା ପର୍ବ। ମା ପାଖରେ ଜଣେ ଲେଡ଼ି ଆଟେଣ୍ଡାଣ୍ଟ ରହିବା ଜରୁରୀ। ସାନ ନାନୀ କହିଲେ- "ଲିଜୁ ଘରେ ଅଛି। ଲୋରା ତୁ ପଳା। ମୁଁ ମଉସା, ମାଉସୀ ଉଭୟଙ୍କ କଥା ବୁଝିନେବି।" ଶ୍ୱଶୁରଙ୍କର ଏକା ଜିଦ୍। ଆସନ୍ତା କାଲି ଡିସ୍‌ଚାର୍ଜ ହୋଇ ବାପା ମା ଯେମିତି ସିଧା ତା ଶାଶୁଘରକୁ ଯାଆନ୍ତି। ଏ ଅବସ୍ଥାରେ ଜଣେ ଅଜଣା ଚାକର ପିଲା

ହେପାଜତରେ ସେ କେବେ ବି ସମୁଦି, ସମୁଦୁଣୀଙ୍କୁ ଏକଲା ଛାଡ଼ି ଦେଇପାରିବେନି। ଟିକେ ସୁସ୍ଥ ହେଲାପରେ ଯାଇ ଯୋଉକଥା। ଶ୍ୱଶୁରଙ୍କ କଥା କାଟିବାକୁ ବାପାଙ୍କର ଜୁ ନ ଥିଲା। ଝିଅ ଶାଶୁଘରେ ପୁଣି ଏତେଦିନ! କୁନ୍ଥୁକୁନ୍ଥୁ ହୋଇ ହଁ ମାରିଲେ ସେ। ଲୋରା ମନ ଖୁସ୍। ଏଥରକ ସେ ନିଶ୍ଚିନ୍ତରେ ଫେରିପାରିବ।

ବେଲୁନ୍‌ପରି ଏକ ହାଲ୍‌କା ମନନେଇ ଘରକୁ ଫେରିଲା ଲୋରା। ଏତେ ବ୍ୟସ୍ତତା ଭିତରେ କିଛି ସମୟପାଇଁ ସେ ତ ଲିଜୁ କଥା ପୁରାପୁରି ଭୁଲିଯାଇଥିଲା। ଫେରିବା ବାଟରେ ଲିଜୁ କଥା ଘାରୁଥିଲା ତାକୁ। ଘରେ ପହଞ୍ଚି ଦେଖିଲା ବଡ଼ ନାନୀ ତାକୁ କାଖରେ ଧରି ଠିଆ ହୋଇଛନ୍ତି। ସେ ତା ଖନି ଖନି ଭାଷାରେ କ'ଣ ଗୁଡ଼େ କହି ତାଳି ମାରୁଛି। ଦଉଡ଼ିଯାଇ ଲୋରା ତା ଆଗରେ ହାତ ପ୍ରସାରିଲା। ବେଙ୍ଗଛୁଆ ପରି ଫଙ୍କ୍ କରି ଲିଜୁ ଡେଇଁ ପଡ଼ିଲା ତା କୋଳକୁ। ଅଜସ୍ର ଚୁମ୍ବନରେ ପୋତି ପକେଇଲା ଲୋରା ତା ପୁଅକୁ। ଆଖିରେ ଅଶ୍ରୁ। କିଛି ସମୟ ତା ପାଖରେ ଗେହ୍ଲା ହୋଇ ଲିଜୁ ପୁଣି ସର୍‌ର୍ କରି ଖସି ଆସିଲା ତଳକୁ। ଆରେ ଏ କ'ଣ! ଏ ଯୋଡ଼ିକ କିଏ? ବେକ ପଛପଟେ ନାଲି ଗାମୁଛା ଭିଡ଼ି, ଫୁଲ ପ୍ୟାଣ୍ଟ ଉପରେ ଚଡ଼ି ପିନ୍ଧି ପୁତୁରା ସ୍ପାଇଡରମ୍ୟାନ୍ ଓ ହାତ ପାଦରେ କଳା ମୋଜା ପିନ୍ଧି, ଫ୍ରକ୍ ପଛପଟେ ଦଉଡ଼ିରେ ଲାଞ୍ଜକରି ଝିଆରି ମେଣ୍ଟାଲ ମଙ୍କି (ପାଗଳ ମାଙ୍କଡ଼) ଅବତାରରେ। ଆଉ ଲିଜୁ ସେମାନଙ୍କୁ ଦେଖି ସେମାନଙ୍କ ସହ ଫୁକୁଲ ଫୁକୁଲ ଡେଉଁଥାଏ ଖୁସିରେ। ଆଃ! କି ଆନନ୍ଦ। କି ପୂର୍ଣ୍ଣତା ସତରେ। ଏତେ ପୁଲକ, ଏକୁଟିଆ କେରଳର ବ୍ୟାକ୍ ୱାଟର୍ ରାଇଡିଙ୍ଗରେ କ'ଣ ସେ ପାଇପାରିଥାନ୍ତା। ଯା' କହିଲେ ଶୀଘ୍ର ଧୁଆଧୋଇ ହେଇ ଆସ୍, କ'ଣ ଯୋଡ଼େ ଖାଇଦେବୁ। ମୁହଁ ଶୁଖିଗଲାଣି। ଶାଶୁ ଆସି ପଣତରେ ମୁହଁ ପୋଛିଦେଇ ମଥା ସାଉଁଳି ଦେଲେ। ତାଙ୍କ ହାତ ପରଶରେ ଯେମିତି ତରଳି ଯାଉଥିଲା ଲୋରା। ପଣତରେ ଥିଲା ଅନନ୍ୟ ଏକ ମହକ, ଯାହା ଚହଟି ଯାଉଥିଲା। ତା ହୃଦୟରେ। କେଉଁ ଦୁର୍ମୁଲ୍ୟ ଅତରରୁ ବା ସେ ପାଇପାରିବ ଏ ଆତ୍ମୀୟତାର ମହକ। ସତରେ ସେ କେଡ଼େ ଭାଗ୍ୟବତୀ। ଏତେ ଶ୍ରଦ୍ଧା, ଏତେ ଆପଣାପଣ କ'ଣ ସମସ୍ତଙ୍କୁ ମିଳେ? ସାରା ପରିବାରଟି ଯେ କେତେ ଯତ୍ନବାନ୍, କେତେ ସଚେତନ ତା ପାଇଁ। ହେଲେ ସେ ମୂର୍ଖ ହାତରେ ହୀରା ପାଇଁ କାଚ ଭାବୁଥିଲା ଏତେଦିନ ଧରି। ଆଜି ଯେ ଏକ ସୁନ୍ଦର ଉପଲବ୍ଧିର ଦିନ ତା ପାଇଁ। ଏହି ମହକିତ ମୁହୂର୍ତ୍ତଟି ବୋଧହୁଏ ସାରାଜୀବନ ତାକୁ ମହକିତ କରି ରଖିଥିବ।

**ମମତାରାଣୀ ଆଚାର୍ଯ୍ୟ**
ଦାମନଯୋଡ଼ି

---

# ଓଡ଼ିଆ ଝିଅ ଭଲ

ଓହୋ କି ଥଣ୍ଡା। ଶୀତରେ ଦେହ ଥରି ଯାଉଛି ଗୋ ଦିଦି, ଚା ଟିକେ ପଡ଼ିଲେ କାମ କରିବି, କହି ତର ତରରେ ଘର ଭିତରକୁ ମାଡ଼ି ଚାଲିଲା ବାସନ୍ତୀ।

ନୂଆ ନୂଆ ଦୁଇଦିନ ହେବ ଘରକୁ ଆସୁଛି। ରାତିର ରୁଟି ସହିତ ଚାହା ଟିକେ ଦେଉ ଦେଉ ପଚାରିଲି, ସକାଳୁ କ'ଣ ଖାଇଚୁ?... ନାଇଁ ଦିଦି ସକାଳୁ ଦାନ୍ତକାଠିଟା ବୁଲେଇ ଦେଇ ଆସୁ ଆସୁ ଏତିକି ବେଳ। କୋଉ ଦିନ ଚା ଟିକିଏ ଦିଅନ୍ତି କି ନ ଦିଅନ୍ତି। ପେଟକୁ ଶୁଖେଇ ଶୁଖେଇ ଦିନ ଦୁଇଟା ବେଳ ପର୍ଯ୍ୟନ୍ତ ରହିବା ଅଭ୍ୟାସ ହୋଇଗଲାଣି।

ହେଲେ ଦିଦି, ଡାକ୍ତରାଣୀ ଦିଦିଟା ଭାରି ଭଲ। ଭାତ, ଡାଲି, ଶାଗ, ମୁଗ ଯାହା ତା'ର ଘରେ ଥିବ ମତେ ଖାଇବାକୁ ଦିଏ। କଥା କହି କହି କାମ କରି ଚାଲିଥାଏ।

ତା' ପରଦିନ ଚା ଦେଲାବେଳେ ଜଳଖିଆ ଟିକିଏ ଖାଇଦେବା ପାଇଁ କହିଲି... ନେ ଖାଇଦେ। ତା' ପରେ କାମ କରିବୁ। "ନାଇଁ ଦିଦି ଖାଇବାକୁ ବେଳ ନାଇଁ, ଜରିରେ ପୁରାଇ ଦେଇ ଦିଅ କାମ ସରିଲେ ଖାଇବି।"

ହେଲେ ଚା ପିଇଲାବେଳେ ତା ଘର କଥା ପଚାରିଲି। ଟିକେ ଚାହିଁଲା ମୋ ମୁହଁକୁ। ତା'ପରେ ହସି ହସି କହି ଚାଲିଲା... ମୋର ସ୍ୱାମୀ, ଦୁଇ ପୁଅ, ଦୁଇ ବୋହୂ, ନାତି, ନାତୁଣୀ ଚାରିଟା।

ସବୁ ଏକାଠି ରହୁଛୁ?

ଦିଦି ଖାଲି ଏକାଠି ରହୁନୁ। ମୁଁ ଏକୁଟିଆ ସମସ୍ତଙ୍କୁ ପୋଷୁଛି। ଏତିକି କହି କାମ ଛାଡ଼ିଦେଇ ଥକାମାରି ବସିପଡ଼ିଲା। ତା ମୁହଁର ହସ ଟିକକ ପାଣିଫୋଟକା ପରି କୁଆଡ଼େ ଉଭେଇ ଯାଇଥିଲା। ଆଖି ଗୁଡ଼ିକ ଛଳ ଛଳ ଦେଖା ଯାଉଥିଲା। ବାଷ୍ପରୁଦ୍ଧ କଣ୍ଠରେ କହିଲା... ସ୍ୱାମୀ ରିକ୍ସା ଟାଣୁଥିଲା, ଏକ୍ସିଡେଣ୍ଟ ପରେ ଆଉ କାମ କରୁନି, ଘରେ ବସିଛି। ପୁଅ ଦୁଇଟାକୁ ଯେତେ ଜୁହାର, ମୁଣ୍ଡିଆ ମାରିଲି ଗୋ ଦିଦି ପାଠ ଟିକିଏ ପଢ଼ିବା ପାଇଁ, ଦଶମ ଫେଲ ହେଇ ଆଉ ପାଠ ପଢ଼ିଲେନି।

ଏବେ ତ ଇସ୍କୁଲ୍‌ରେ ଖାଇବାକୁ, ଡ୍ରେସ୍, ବହି ସବୁ ମାଗଣାରେ ମିଳୁ ଛି। ହେଲେ, ସେତେବେଳେ ନ ଥିଲା। ବାରଘରେ କାମକରି ବହିପତ୍ର କିଣି ଦେଉଥିଲି। ହେଲେ ପାଠ କାଇଁ ପଢ଼ିଲେ ଯେ...। କିଛି କାମ ହେଲେ କରୁ ନାହାନ୍ତି। ନିଜେ ଭଲ ପାଇ ବାହାହୋଇ ବୋହୂ ଗୋଟିଏ ଗୋଟିଏ ଘରକୁ ଧରି ପକେଇ ଆସିଲେ।

ଚୁପ୍ ଚାପ ମୁଁ ବାସନ୍ତୀ ମୁହଁକୁ ଚାହିଁ ରହିଥିଲି। ବିଷର୍ଣ୍ଣ ବଦନରେ ଘର ପୋଛାରେ ଲାଗିପଡ଼ିଲା। ବାଲ୍‌ଟିର ମଇଳା ପାଣିକୁ ଢାଳିଦେଇ ସଫା ପାଣି ଭରିବା ଭିତରେ ସତେ ଯେମିତି ତା'ର ଦୁଃଖଭରା ହୃଦୟରେ ସତେଜତା ଭରି ଯାଇଥିଲା। ପୁଣି ଚିହିଁକି ଉଠି କହିଲା, ହେଲେ ମୋର ଝିଅଟା ଦଶମ ପାସ୍ କରିଛି ଗୋ ଦିଦି।

ତୋର ଗୋଟେ ଝିଅ ମଧ୍ୟ ଅଛି ?

ହଁ ବାହାଦେଇ ଦେଲିଣି। କହିବା ସମୟରେ ଫୁଲଦାନୀରେ ପ୍ଲାଷ୍ଟିକ୍ ଫୁଲଗୁଡ଼ିକୁ ଯତନରେ ଆଉଁଷି ଝାଡ଼ି ଦେଉଥିଲା। ଲାଗୁଥିଲା ସତେ ଯେପରି ଫୁଲ ଭିତରେ ତା ଝିଅକୁ ଆଉଁଷି ଦେଉଛି।

ସିଏ ଗଲାପରେ କାହିଁକି କେଜାଣି ତା'ର କଥା ଗୁଡ଼ାକ ମନ ଭିତରେ ଗୋଳେଇ ହେଉଥାଏ। ମନକୁ ମନ କହୁଥାଏ। ହଜାର ହଜାର ବାସନ୍ତୀର ଦୁଃଖୀ ପରିବାର ଏମିତି ଦୁନିଆରେ ଚଳୁଛନ୍ତି, ମୁଁ ଏଥିରେ ଏତେ ବିଚଳିତ କାହିଁକି ହେଉଛି ?

ବାସନ୍ତୀର ନିତିଦିନିଆ ଅଭ୍ୟାସ ହୋଇଗଲା କାମ କରୁ କରୁ ଘର କଥା କିଛି ଦୁଃଖ ସୁଖ ମୋ ସହିତ ବାଣ୍ଟିବା ପାଇଁ। ବୋଧେ ତା'ର ସଂସାର ପସରା ଖୋଲିବାକୁ କେତେ ଦିନରୁ ଗ୍ରାହକଟିଏ ଖୋଜୁଥିଲା।

ମୋ ଜ୍ୱାଇଁପୁଅ ଦିଲ୍ଲୀରେ କାମ କରୁଛି ଦିଦି। ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି – ଦିଲ୍ଲୀରେ ?

ଝିଅର ଶାଶୁଘରଟା ବିହାରରେ। ଶାଶୁଘର ଗାଁରେ ଝିଅ ଅଙ୍ଗନବାଡ଼ିରେ ପାଠ ପଢ଼ଉଛି। ତା' ଶାଶୁ, ଶ୍ୱଶୁର ପାଖରେ ଅଛନ୍ତି। ଜ୍ୱାଇଁ ଆଉ ତା'ର ଭାଇ ଦିଲ୍ଲୀରେ କାମ କରୁଛନ୍ତି। ଗୋଟିଏ ମାସରେ ଜ୍ୱାଇଁ ଆସିଲେ, ଆର ମାସରେ ତା'ର ଭାଇ ଘରକୁ ଆସି ବୁଲିକରି ଯାଉଛନ୍ତି। ମୋ ଝିଅ ବହୁତ ଭଲରେ ଅଛି।

ହେଲେ ଦିଦି, ଏତେ ଦୂରରେ ଦେଲି ଯେ, ଇଚ୍ଛାକଲେ ଝିଅକୁ ଦେଖିପାରୁନି। ଯୌତୁକ ଦେଇ ପାରିବିନି ବୋଲି ଝିଅକୁ ବିହାରରେ ବାହାଦେଲି।

ସେମାନେ କ'ଣ ପାଇଁ ଯୌତୁକ ନେଲେ ନି ?

ନାଇଁ, ଆମ ଓଡ଼ିଆ ଲୋକ ହେଇଥିଲେ, କଂସା ବାସନ ଦି ସେଟ୍, ବାଇକ୍, ସୁନା, ରୂପା ସାଙ୍ଗକୁ ନଗଦ ଲକ୍ଷେ ଟଙ୍କା ଦେବାକୁ ପଡ଼ିଥାନ୍ତା। ଏବେ କାନକୁ ହଳେ ଆଉ ନାକରେ ପିନ୍ଧିଥିଲା। ସେତିକି। ତାଙ୍କ ଲୁଗାରେ ବାହା କରି ନେଇଗଲେ। ଝିଅ ଭଲରେ ଅଛି।

ଆଚ୍ଛା, ତୋର ବିହାରରୁ ପ୍ରସ୍ତାବ ଆସିଲା କେମିତି କହିଲୁ ?

ଦିଦି, ଆମ ବନ୍ଧୁ ଭିତରେ କେତେ ଝିଅ ସେପଟେ ଦେଲେଣି। ଆମ ଦେଢ଼ଶୁର ମଧ୍ୟ ଯୌତୁକ ଦେଇ ପାରିବେ ନି ବୋଲି ସେପଟେ ଦେଇଛନ୍ତି।

ତା କଥା ଶୁଣିବା ପାଇଁ ମୋର ଉତ୍କଣ୍ଠା ଦେଖି ସେ ଆବେଗଭରା କଣ୍ଠରେ ଗଡ଼ ଗଡ଼ ହୋଇ ଗପି ଯାଉଥାଏ ମତେ ଲାଗୁଥିଲା। ମୁଣ୍ଡରେ ଧରି ବୁଲୁଥିବା ଗୋଡ଼ି, ପଥର ଟୋକେଇରୁ କିଛି ବାହାର କରି ମୋ ହାତକୁ ବଢ଼େଇ ଦେଇ ଟିକିଏ ହାଲୁକା ଅନୁଭବ କରୁଛି। ମୁଁ ବି ନିଜେ ବୁଝି ପାରୁ ନଥାଏ, ତା'ର ଅଦରକାରୀ ଗୋଡ଼ି, ପଥର ଗୁଡ଼ାକୁ ମୁଁ କାହିଁକି ହାତ ବଢ଼େଇ ଧରୁଛି।

ଆଲୋ ବାସନ୍ତୀ, ବିହାରରେ କ'ଣ ଝିଅ ମିଳୁ ନାହାନ୍ତି, ବାହା ହେବାକୁ। ସେମାନେ ବିନା ଯୌତୁକରେ ଗରୀବ ଓଡ଼ିଆ ଝିଅମାନଙ୍କୁ ବାହା ହେଉଛନ୍ତି।

ହଁ ଦିଦି, ଝିଅ ମିଳୁଛନ୍ତି। ହେଲେ, ସେମାନେ କହୁଛନ୍ତି, 'ଓଡ଼ିଆ ଝିଅ ଭଲ।" ବିହାର ଓ ଦିଲ୍ଲୀରେ ଓଡ଼ିଆ ଝିଅଙ୍କୁ ବେଶି ଚାହୁଁଛନ୍ତି ଗୋ ଦିଦି। ଖାଲି କହୁଛନ୍ତି, ଆମ ଝିଅଠୁଁ ଓଡ଼ିଆ ଝିଅ ଭଲ। ଘର, ପରିବାକୁ ଆଦର ଯତନ ଭଲ କରୁଛନ୍ତି।

ବାସନ୍ତୀ ସିନା କାମ କରୁ କରୁ କଥା କହି ଚାଲିଗଲା, ହେଲେ ଦିନସାରା ମୁଁ କାମରେ ବ୍ୟସ୍ତ ଥିଲେ ସୁଦ୍ଧା, ପ୍ରତିଟି ମୁହୂର୍ତ୍ତରେ ମୋ କାନ ପାଖରେ ପ୍ରତିଧ୍ୱନିତ ହୋଇ ଶୁଭୁଥିଲା... "ଓଡ଼ିଆ ଝିଅ ବେଶି ଭଲ।" ରାତିରେ ଶୋଇ ଶୋଇ ଭାବୁଥିଲି, ଅନ୍ୟ ରାଜ୍ୟର ଲୋକେ ଯାହା କହୁଛନ୍ତି, ତାହା ସତ ନା, ସତ ଆଉ କିଛି ?

**କମଳ ସାହୁ**, ଅନୁଗୁଳ

---

# A True Man

A man is not a MAN
By virtue of sizes and strength...
Nor by fair a skin..
Nor the bulk of his spills..
Neither is his manhood
By baritone a voice..
Nor wealth amassed,
A measure of his skill.
If honest his heart
And purest in intent,
He stands by his words,
And is lauded for his deeds...
His eyes a twinkle of laughter
Life, fearlessly lived...
There's a MAN to die for –
Or live, albeit moments, with !

**Debjani Mishra**, Bhubaneswar

# Be a Goal Digger

Girl Power – Should; Would; Could; Did - "Be a goal digger".



Anshika Routray, a rising shot put player of Odisha, has gathered many accolades to her credit in State and national level. She is the daughter of Anuradha Biswal, the first Olympian lady to represent Odisha in the Asian Championship in Jakarta and win a bronze medal – An Indian track and field athlete, and working as Deputy Manager (Sports) in Nalco at its Corporate Office at Bhubaneswar. Her father Shri Premananda Routray, a body builder and state level champion. Anshika studies in Class X in Sai International School, Bhubaneswar. Team Sanginee met Anshika and interacted on her achievements and future plans.

**Sanginee:** How and when did you take up this sport and who is your inspiration?

**Anshika:** Actually, from a very early age, say at the age of 5, I first started playing lawn tennis. In fact with my inner instincts and the motivation of my parents I switched to shooting sports and thought of trying shot put. With relentless support of my parents and my school teachers, my confidence increased. I finally chose shot put as my passion and determined to achieve records.

**Sanginee:** Please tell us something about your early achievement in this field.

**Anshika:** My very first competition was at the State Level, in the under-14 group Girls' category. In shot put, I created a record of a distance of 8.25 M and broke the previous record of 7.35 M. Again, in the same category, I created a national record by throwing shot put to a distance of 11.45 M and broke the previous record of 11.23 M, held in Karnataka. Later, in the under-16 group Girls Category again, I achieved another record by throwing the shot put to a distance of 11.82 M breaking the previous record of 10.63 M.

**Sanginee:** Wow, congratulation! Now, a very important question- As a girl child, have you faced any kind of hurdle or discrimination in the society or in your sports practice/field?

**Anshika:** No, never. I can very proudly say that being the child of parents from the sports background, my mother herself is a champion and father, a body builder they have never stopped me from following my dream. Rather my parents and teachers have taught me techniques and advised me on my diet. I take fresh fruits and dry carbohydrates. As my mother herself is a sports person she plans a proper balanced diet for me.

**Sanginee:** What advice would you give to our upcoming sports stars?

**Anshika:** I would advise them to respect their passion, work hard and do rigorous workouts. Try to achieve the confidence and support of parents as without them nothing is possible. I also request the parents to allow their children to pursue their passion and encourage them in their endeavours.

**Sanginee:** Who is your coach and is there any international sportsperson who inspires you?

**Anshika:** My mother is my coach and great inspiration. But yes, at International level, I am greatly inspired by ADAMS.

**Sanginee:** Finally, what are your plans for the future?

**Anshika:** Now, in the senior category under-16 age group, my first target is to create a new record at the National level. I also aspire to participate in various international competitions like Youth Asian Championship, Youth Olympics, and even in Junior Commonwealth Games.

**Sanginee:** Being a 10th Standard student, how do you plan to balance your passion and studies?

**Anshika:** Till now, I have been able to maintain a balance between sports and studies. I am a scholar's badge holder in my studies and would like to maintain it. My parents as highly successful sports persons continue to inspire and guide me to achieve my goals and realise my dreams. I am confident I can continue to do justice to both academics and sports with their unwavering support.

**Sanginee:** What kind of diet do you follow to stay fit for sports?

**Anshika:** Since more power and strength is needed for sports, I follow a protein rich diet.

**Sanginee:** We wish you all the best in your future endeavours Anshika and hope that you continue to make us all proud just as you have so often done.

**Anshika:** Thank you. I give full credit to my lovely parents and grandparents. I am grateful to my Principal and Vice-Principal for granting me special leave from School to participate in championship. I am also thankful to the Odissa Olympic Association & Sports Department, Odisha, for their support. Being a child of NALCO family, I feel privileged as I have been felicitated by our CMD, Dr. Tapan Kumar Chand and Madam Smt. Preeti Roy Chand with the Upcoming Sports Talent Award. I express my gratitude to our beloved Chief Minister Shri Naveen Patnaik who has also felicitated me for being an outstanding sportsperson. I am thankful to the Nalco Management for providing me a proper cemented court for practice.



Interview by
**Reetu Kumar,** Bhubaneswar

## Touching Lives

Nalco Mahila Samiti, Bhubaneswar has been rendering social services in and around Bhubaneswar. Similarly, Nalco Ladies Clubs at Damanjodi and Angul are also actively contributing their services in and around the plants and townships. It has been the endeavor of these bodies to reach out to the people of all age groups of all sections of our society. Here is a glimpse of activities and achievements of NMS.

### At Bhubaneswar



Celebrating Republic Day at Siripur Ashram School





Sharing colours and joy- Holi: the festival of colours





"After women flowers are the most divine creation"- During Basanta Pushpa Pradarshani



Programme on stress buster by Sri Arun Tishi




Release of 9th edition of **Sanginee** in the august presence of Padmashree Manoj Das & Dr. Tapan Kumar Chand





"Sharing and caring"- Distribution of blankets at Old age home

## At Damanjodi



Distribution of emergency lights at Kunduli Ashram



Distribution of matresses at Ex Board High School, Mathalput



Pre Holi celebration



Ikebana : Art of flower arrangement

## At Angul



Patriotism in every act




Splash the world with colour



Promoting culture and tradition



Partnership in social responsibility

Readers are requested to send their suggestions and feedback to **nmssangini@gmail.com**.
Write ups in clear handwriting or soft copy should reach the Coordinator before 10th May 2019. **- Editor**



नालको की लाड़ली
EDUCATE & EMPOWER
नालको NALCO
AN INDUSTRIAL TEMPLE
ଗ୍ରାମାଞ୍ଚଳରେ ଦୈନିକ ସ୍ୱାସ୍ଥ୍ୟ ସେବା
ନାଲ୍କୋ : ଓଡ଼ିଶାର ସ୍ୱାଭିମାନର ପ୍ରତୀକ
CIN : L27203OR1981GOI000920
A lot of things make ODISHA proud
NALCO is one of them